# ସୁସମ୍ବାଦ କାହାଣୀ ପୁସ୍ତିକା

## ତିନି





ଏହା ମୋର ଶୁଭ ସମ୍ବାଦ ବହି ତିନି

ମୋର ନାମ

______________________________

ମୁଁ ମୋର ସୁସମ୍ବାଦ କାହାଣୀ ବହି ତିନି ପଢି ପାରୁଛି

ଏହି କାହାଣୀଗୁଡିକ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ପବିତ୍ର ପୁସ୍ତକରୁ ନିଆଯାଇଅଛି ।
ଏହି କାହାଣୀ ବହିରେ ଥିବା ସମସ୍ତ ଚିତ୍ରାଙ୍କନ ଭାରତୀୟ ଜନଜାତି ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ।
ସୁସମ୍ବାଦ କାହାଣୀ ପୁସ୍ତିକାର ତିନି । କାର୍ଯ୍ୟକ୍ରମ ନିୟମାବଳୀ 2015 ସଂକଳନ । ଭାରତରେ
ପ୍ରକାଶିତ । ଅଧିକ ଜାଣିବା ପାଇଁ: WBTC India, P.O. Box 8478, Bangalore 560084.
Email: info@wbtcindia.com କୁ ଯୋଗାଯୋଗ କରନ୍ତୁ ।



ଦୁଷ୍ଟ ରାଜା..................................................2-27
ମେଷରକ୍ଷକ ବାଳକ...................................28-32


# ଦୁଷ୍ଟ ରାଜା

ଅନେକ ବର୍ଷ ବିତିଗଲା ।

ଅବ୍ରାହମଙ୍କର ସନ୍ତାନ, ସେମାନଙ୍କ ସନ୍ତାନ, ସେମାନଙ୍କ ସନ୍ତାନ ଏବଂ ସେମାନଙ୍କ ସନ୍ତାନମାନଙ୍କର ସନ୍ତାନମାନେ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଗାନ କରୁଥିବା ମୁଁ ଦେଖିପାରୁଛି ।







ସେହି ସନ୍ତାନମାନେ ଏହିପରି କହୁଥିବାର ମୁଁ ଶୁଣିପାରୁଛି,

'ସୃଷ୍ଟିକର୍ତ୍ତା ଈଶ୍ୱର ଆମକୁ ଦୟାକରି ଉଦ୍ଧାର କରନ୍ତୁ ।'

ସେହି ଦୁଷ୍ଟ ରାଜାକୁ ମୁଁ ଦେଖିପାରୁଛି ।
ଯେଉଁମାନେ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଉଦ୍ଦେଶ୍ୟରେ
ଗାନ କରୁଅଛନ୍ତି, ସେହି ଦୁଷ୍ଟ ରାଜା ସେ
ସମସ୍ତଙ୍କୁ ଘୃଣା କରୁଛି ।







ମୁଁ ଅନ୍ୟ ଜଣେ ପୁରୁଷଙ୍କୁ ଦେଖିପାରୁଛି ।
ତା'ଙ୍କର ନାମ ମୋଶା ।
ମୋଶା ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଉଦ୍ଦେଶ୍ୟରେ
ଗାନ କରୁଛନ୍ତି ।

ମୋଶା ଏକ ଜଳୁଥିବା ଗଛକୁ ଅନାଇ ରହିଥିବାର ମୁଁ ଦେଖିପାରୁଛି ।

ସୃଷ୍ଟିକର୍ତ୍ତା ପରମେଶ୍ୱର ଅଗ୍ନି ମଧ୍ୟରୁ ଏପ୍ରକାର କହିବାର ମୁଁ ଶୁଣିପାରୁଛି

'ମୋଶା, ସୃଷ୍ଟିକର୍ତ୍ତା ପରମେଶ୍ୱର କହୁଛନ୍ତି ଦୁଷ୍ଟ ରାଜାଙ୍କୁ କୁହ କି,

"ମୋର ଲୋକମାନଙ୍କୁ ମୁକ୍ତ କରି ଚାଲିଯିବାକୁ ଦିଅ !"'







ମୋଶାଙ୍କର ଜଣେ ଭାଇ ଅଛନ୍ତି ।

ତାହାଙ୍କ ନାମ ହାରୋଣ ।

ମୋଶା ଓ ହାରୋଣ ଦୁଷ୍ଟ ରାଜା ପାଖକୁ ଯିବାର ମୁଁ ଦେଖିପାରୁଛି ।

ମୋଶା ଦୁଷ୍ଟ ରାଜାକୁ ଏପରି
କହୁଥିବା ମୁଁ ଶୁଣିପାରୁଛି,
'ସୃଷ୍ଟିକର୍ତ୍ତା ଈଶ୍ୱର କହିଥିଲେ,
"ମୋର ଲୋକମାନଙ୍କୁ ମୁକ୍ତ କରି
ଚାଲିଯିବାକୁ ଦିଅ !"'







ଦୁଷ୍ଟ ରାଜା ଏପରି କହୁଥିବା ମୁଁ ଶୁଣିପାରୁଛି,
'ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ନିମନ୍ତେ ଗୀତ
ଗାଉଥିବା ଲୋକମାନଙ୍କୁ ମୁଁ ମୁକ୍ତ
କରି ଚାଲି ଯିବାକୁ ଦେବିନାହିଁ ।'

ସୃଷ୍ଟିକର୍ତ୍ତା ଈଶ୍ୱର ଏହିପରି
କହୁଥିବାର ମୁଁ ଶୁଣି ପାରୁଛି,
'ହାରୋଣ, ତୁମ ହାତରେ ଧରୁଥିବା
ବାଡିକୁ ପକାଇଦିଅ ।'
ହାରୋଣ ତା'ଙ୍କର ଧରୁଥିବା ବାଡିକୁ
ତଳେ ପକାଇବା ମୁଁ ଦେଖିପାରୁଛି ।







ହାରୋଣଙ୍କ ଧରୁଥିବା ବାଡିଟି ସାପରୂପ
ଧାରଣ କରିଥିବା ମୁଁ ଦେଖିପାରୁଛି ।
ଏହା ସୁଁ...ସୁଁ...ସୁଁ ଶବ୍ଦ କରୁଅଛି ।

ଦୁଷ୍ଟ ରାଜା ତା'ର ମନ୍ତ୍ର ତନ୍ତ୍ର କରୁଥିବା
ଲୋକମାନଙ୍କୁ ଏପରି କହୁଥିବା ମୁଁ ଶୁଣିପାରୁଛି,
'ତୁମର ଧରୁଥିବା ବାଡିସବୁ ତଳେ ପକାଅ ।'
ଗୁଣିଆମାନେ ସେମାନଙ୍କର ଧରୁଥିବା ବାଡିକୁ
ତଳେ ପକାଇଦେବା ମୁଁ ଦେଖିପାରୁଛି ।







ଗୁଣିଆମାନଙ୍କର ଧରୁଥିବା ବାଡି
ସାପରେ ପରିଣତ ହୋଇଥିବା
ମୁଁ ଦେଖିପାରୁଛି ।



ସେମାନେ ସୁଁ...ସୁଁ...ସୁଁ
ଶବ୍ଦ କରୁଅଛନ୍ତି ।



ହାରୋଣଙ୍କ ସାପ ଗୁଣିଆମାନଙ୍କର
ସାପ ଗୁଡିକୁ ଖାଇଦେଉଛି...ଖାଇଦେଉଛି...
ଖାଇଦେଉଛି...ଏହା ମୁଁ ଦେଖିପାରୁଛି ।
ସୃଷ୍ଟିକର୍ତ୍ତା ଈଶ୍ୱର ସବୁଠୁ ବଳବାନ ଅଟନ୍ତି !










ମୋଶା ଏପରି କହୁଥିବା, ମୁଁ ଶୁଣିପାରୁଛି,
'ସୃଷ୍ଟିକର୍ତ୍ତା ଈଶ୍ୱର କହିଥିଲେ,
"ମୋର ଲୋକମାନଙ୍କୁ ମୁକ୍ତ
କରି ଚାଲିଯିବାକୁ ଦିଅ !"'
ଦୁଷ୍ଟ ରାଜା ଏପରି କହୁଥିବା ମୁଁ ଶୁଣିପାରୁଛି,
'ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ନିମନ୍ତେ ଗୀତ
ଗାଉଥିବା ଲୋକମାନଙ୍କୁ ମୁଁ ମୁକ୍ତ କରି
ଚାଲି ଯିବାକୁ ଦେବିନାହିଁ ।'

ମୋଶା ଦୁଷ୍ଟ ରାଜାକୁ ଏପରି
କହୁଥିବା ମୁଁ ଶୁଣିପାରୁଛି,
'ଆଜି ରାତିରେ ପ୍ରତି ପରିବାରର
ପ୍ରଥମ ଜାତ ସନ୍ତାନ ମରିବ ।'







ସୃଷ୍ଟିକର୍ତ୍ତା ଈଶ୍ୱର ଏହିପରି କହୁଥିବାର ମୁଁ
ଶୁଣି ପାରୁଛି,
'ମୋଶା, ମୋର ନିମନ୍ତେ ଗୀତ ଗାଉଥିବା
ଲୋକମାନଙ୍କୁ କୁହ, ଗୋଟିଏ ମେଷକୁ
ବଳିଦେବା ପାଇଁ ।
ମେଷର ରକ୍ତ ନେଇ ସବୁ ଘରର
ଦ୍ୱାରବନ୍ଧରେ ଲଗାଇଦିଅ ।
ଯେତେବେଳେ ମୁଁ ମେଷର ରକ୍ତ ଦେଖିବି,
ମୋର ସେହି ଲୋକମାନେ ମରିବେ ନାହିଁ ।'

ପ୍ରତ୍ୟେକ ଲୋକ ଯେଉଁମାନେ ସୃଷ୍ଟିକର୍ତ୍ତା
ଈଶ୍ୱରଙ୍କର ନିମନ୍ତେ ଗୀତ ଗାଉଛନ୍ତି
ସେମାନେ ନିଜ ନିଜର ଦ୍ୱାର ବନ୍ଧରେ
ମେଷର ରକ୍ତ ଲଗାଉଅଛନ୍ତି ।





ସେହି ରାତିରେ, ଯେଉଁ ପରିବାର ସୃଷ୍ଟିକର୍ତ୍ତା
ଈଶ୍ୱରଙ୍କର ଉଦ୍ଦେଶ୍ୟରେ ଗାୟନ କରୁ ନ
ଥିଲେ, ସେହିସବୁ ପରିବାରର ପ୍ରଥମ ଜାତ
ପୁତ୍ର ସନ୍ତାନ ହତ ହେଲେ ।

ସେହି ରାତିରେ ଯେଉଁ ପରିବାର ସୃଷ୍ଟିକର୍ତ୍ତା
ଈଶ୍ୱରଙ୍କର ଉଦ୍ଦେଶ୍ୟରେ ଗାୟନ କରୁ
ଥିଲେ, ସେହିସବୁ ପରିବାରର ପ୍ରଥମ ଜାତ
ପୁତ୍ର ସନ୍ତାନ ବଞ୍ଚିଲେ ।

ସେହି ରାତ୍ରିରେ ଦୁଷ୍ଟ ରାଜା, ଯେଉଁ
ଲୋକମାନେ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ନିମନ୍ତେ
ଗୀତ ଗାଉଥିଲେ ସେମାନଙ୍କୁ ମୁକ୍ତ କରି
ଚାଲିଯିବାକୁ ଦେଲା ।

ସୃଷ୍ଟିକର୍ତ୍ତା ଈଶ୍ୱର ସବୁଠୁ ବଳବାନ ଅଟନ୍ତି !







କିଛି ସମୟ ବିତିଗଲା ।

ଦୁଷ୍ଟ ରାଜା ଏପରି କହୁଥିବା ମୁଁ ଶୁଣିପାରୁଛି,
'ଯେଉଁ ଲୋକମାନେ ସୃଷ୍ଟିକର୍ତ୍ତା
ଈଶ୍ୱରଙ୍କର ନିମନ୍ତେ ଗୀତ ଗାଉଛନ୍ତି
ସେମାନଙ୍କ ପଛରେ ମୁଁ ଯିବି ଏବଂ
ସେମାନଙ୍କୁ ମାରିଦେବି ।'

ଶୀଘ୍ର ପ୍ରସ୍ତୁତ ହୁଅ, ଦୁଷ୍ଟ ରାଜା ଏବଂ
ତା'ର ସୈନ୍ୟମାନେ ଆସୁଅଛନ୍ତି...

ମୋଶା ଓ ଲୋକମାନେ ଯେଉଁମାନେ
ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ନିମନ୍ତେ ଗାନ କରୁଛନ୍ତି,
ସେ ସମସ୍ତେ ଏକ ବଡ, ବଡ, ବଡ଼ ନଦୀ
ନିକଟରେ ଠିଆ ହୋଇଥିବା ମୁଁ ଦେଖିପାରୁଛି ।
ଶୀଘ୍ର ପ୍ରସ୍ତୁତ ହୁଅ, ଦୁଷ୍ଟ ରାଜା ଏବଂ ତା'ର
ସୈନ୍ୟମାନେ ଆସୁଅଛନ୍ତି...







ମୋଶା ଏପରି କହୁଥିବା ମୁଁ ଶୁଣିପାରୁଛି,
'ସୃଷ୍ଟିକର୍ତ୍ତା ଈଶ୍ୱର ଏହି ବଡ଼, ବଡ଼, ବଡ଼
ନଦୀ ମଧ୍ୟରେ ପଥ ପ୍ରସ୍ତୁତ କରିବେ ।
ସୃଷ୍ଟିକର୍ତ୍ତା ଈଶ୍ୱର ଆମକୁ ଉଦ୍ଧାର କରିବେ ।'

ସୃଷ୍ଟିକର୍ତ୍ତା ଈଶ୍ୱର ବଡ, ବଡ, ବଡ଼ ନଦୀର
ପାଣିକୁ ଦୁଇ ଭାଗ କଲେ ।
ମୋଶା ଓ ଲୋକମାନେ ଯେଉଁମାନେ
ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ନିମନ୍ତେ ଗାନ କରୁଛନ୍ତି
ସେ ସମସ୍ତେ ଏକ ବଡ଼, ବଡ଼, ବଡ଼ ନଦୀ
ମଧ୍ୟରେ ହୋଇଥିବା ପଥରେ ଚାଲୁଥିବାର
ମୁଁ ଦେଖିପାରୁଛି !







ଦୁଷ୍ଟ ରାଜା ଓ ତା'ଙ୍କର ସୈନ୍ୟମାନେ
ସେଇ ବଡ଼, ବଡ଼, ବଡ଼ ନଦୀ
ମଧ୍ୟରେ ସେମାନଙ୍କ ପଛରେ ଆସୁଥିବା
ମୁଁ ଦେଖିପାରୁଛି ।

ସେହି ଦୁଷ୍ଟ ରାଜା ଓ ତା'ର ସୈନ୍ୟମାନଙ୍କ
ଉପରେ ପ୍ରାଚୀରକାୟ ଜଳ ପଡୁଥିବା
ମୁଁ ଦେଖିପାରୁଛି ।
ସେହି ଦୁଷ୍ଟ ରାଜା ଓ ତା'ର ସୈନ୍ୟମାନେ
ମୃତ୍ୟୁ ବରଣ କଲେ ।








ମୋଶା ଓ ଲୋକମାନେ ଯେଉଁମାନେ
ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ନିମନ୍ତେ ଗାନ
କରୁଛନ୍ତି ସେ ସମସ୍ତେ ମୁକ୍ତ ହେବା ମୁଁ
ଦେଖିପାରୁଛି ।
ସୃଷ୍ଟିକର୍ତ୍ତା ଈଶ୍ୱର ସବୁଠୁ
ବଳବାନ ଅଟନ୍ତି !

# ମେଷରକ୍ଷକ ବାଳକ

ମୁଁ ଏକ ମେଷରକ୍ଷକ ବାଳକକୁ ଦେଖିପାରୁଛି ।
ତା'ର ନାମ ହେଉଛି ଦାଉଦ ।
ଦାଉଦ ଅବ୍ରାହମଙ୍କ
ପରିବାରରୁ ଆସିଛନ୍ତି ।
ଅନେକ ବର୍ଷ ବିତିଗଲା ।
ବର୍ତ୍ତମାନ ମେଷରକ୍ଷକ ବାଳକ
ଦାଉଦ ରାଜା ହୋଇଅଛନ୍ତି ।











ରାଜା ଦାଉଦ ସୃଷ୍ଟିକର୍ତ୍ତା
ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଗାନ କରିବାର
ମୁଁ ଶୁଣିପାରୁଛି ।
'ସୃଷ୍ଟିକର୍ତ୍ତା, ଈଶ୍ୱର, ତୁମେ
ମୋ ପାଇଁ ସବୁକିଛି ।
ସୃଷ୍ଟିକର୍ତ୍ତା ଈଶ୍ୱର, ତୁମେ
ମୋତେ ଜୀବନ ଦିଅ ।

ସୃଷ୍ଟିକର୍ତ୍ତା ଇଶ୍ୱର, ତୁମେ
ମୋତେ ଶାନ୍ତି ଦିଅ ।
ସୃଷ୍ଟିକର୍ତ୍ତା ଇଶ୍ୱର, ତୁମେ
ମୋତେ ଉଦ୍ଧାର କରନ୍ତୁ ।
ସୃଷ୍ଟିକର୍ତ୍ତା ଇଶ୍ୱର, ତୁମେ
ମୋତେ ସୁରକ୍ଷା ପ୍ରଦାନ କରନ୍ତୁ ।









ସୃଷ୍ଟିକର୍ତ୍ତା ଇଶ୍ୱର, ତୁମେ
ମୋତେ ପ୍ରେମ କରନ୍ତୁ ।
ସୃଷ୍ଟିକର୍ତ୍ତା ଇଶ୍ୱର, ତୁମେ ଚିରଦିନ, ଚିରଦିନ,
ଚିରଦିନ ପାଇଁ ମୋ ସହିତ ରହିଛ ।

ସୃଷ୍ଟିକର୍ତ୍ତା ଈଶ୍ୱର ରାଜା ଦାଉଦଙ୍କୁ
କହିବାର ମୁଁ ଶୁଣିପାରୁଛି ।
'ତୁମର ପରିବାର ଦ୍ୱାରା ଚିରଦିନ ପାଇଁ
ଓ ଚିରଦିନ ପାଇଁ ଏବଂ ଚିରଦିନ ପାଇଁ
ଆମେ ସମସ୍ତଙ୍କୁ ଉଦ୍ଧାର କରିବା ।'
ସୃଷ୍ଟିକର୍ତ୍ତା ଈଶ୍ୱର ଆସୁଅଛନ୍ତି ।

